# ପିଲାମାନଙ୍କ ପାଇଁ ବାଇବଲ

ଉପହାର

## ଦାନିଏଲ ଏକ ବନ୍ଦୀ



ଲେଖକ: Edward Hughes

ଦୃଷ୍ଟାନ୍ତ: Jonathan Hay

ଉପଯୋଜକ: Mary-Anne S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଦାନିଏଲ ଏବଂ ତାଙ୍କର ତିନି ବନ୍ଧୁ ଇସ୍ରାଏଲ ପ୍ରଦେଶରେ ବାସ କରୁଥିଲେ । ଦିନକରେ, ମହାରାଜା ତାଙ୍କ ଦେଶକୁ ଆସି ଦେଶର ସମସ୍ତ ଚତୁର ଯୁବକମାନଙ୍କୁ ନିଜଦେଶକୁ ନେଇଗଲେ । ସେହି ରାଜାଙ୍କ ଲମ୍ବାନାମ ଥିଲା-ନବୂଖଦନିତ୍ସର-ସେ ସୁ ଦୂର ବାବିଲ୍ ଦେଶରେ ବାସ କରୁଥିଲେ ।



ବାବିଲ ଦେଶରେ ସେ ସେହି ଯୁବକମାନଙ୍କୁ ଅତି ଆଡ଼ମ୍ବରରେ ରାଜାର ଆହାର ଦେଇ ପ୍ରତିପୋଷଣ କଲେ । ରାଜା ପୃଥିବିର ସମସ୍ତ ଦେଶ ମାନଙ୍କରୁ ଉଜ୍ଵଳ ଓ ଅତି ଉତ୍ତମ ଲୋକମାନଙ୍କୁ ବାଛିଲେ । ସେ ସେମାନଙ୍କୁ କଲ୍‌ଦୀୟ ଭାଷାରେ ଶିକ୍ଷା ଦେବାକୁ ଯୋଜନା କଲେ ଯେପରି ସେମାନେ ତାଙ୍କର ସେବକ ହୋଇ ଦେଶ ସେବାରେ ନିଯୁକ୍ତ ହୋଇ ପାରିବେ ।



ସେମାନଙ୍କର ଖାଦ୍ୟ ମଧ୍ୟ ଉତ୍ତମ ଥିଲା । ସେହି ଯୁବକମାନେ ରାଜାଙ୍କର ଆହାର ଭୋଜନ କଲେ । କିନ୍ତୁ ଦାନିଏଲ ଓ ତାଙ୍କର ବନ୍ଧୁମାନେ ସେହି ଖାଦ୍ୟ ପଦାର୍ଥ ଭୋଜନ କଲେ ନାହିଁ କାରଣ ତାହା ବାଲ୍ ଦେବଗଣଙ୍କ ସାକ୍ଷାତରେ ପୂଜା କରାଯାଇଥିଲା । ଦାନିଏଲ ଶପଥ କରିଥିଲେ ଯେ ସେ କଦାପି ସଦାପ୍ରଭୁଙ୍କ ବିରୁଦ୍ଧାଚରଣ କରିବେ ନାହିଁ ।



ଇସ୍ରାଏଲର ସଦାପ୍ରଭୁ ସେମାନଙ୍କୁ ପ୍ରତିମା ପୂଜା ନ କରିବାକୁ ସେମାନଙ୍କୁ ଆଜ୍ଞା କରିଥିଲେ ।

ଦାନିଏଲ ସେହି ରାଜାର ଖାଦ୍ୟ ସେମାନଙ୍କୁ ନ ଦେବା ନିମନ୍ତେ ନପୁଂଶକାଧିପତିକୁ ନିବେଦନ କଲା । ମାତ୍ର ଯଦି ରାଜା ତାହା ଜାଣନ୍ତି ତେବେ ସେ କ୍ରୋଧିତ ହେବେ । କିନ୍ତୁ ପରମେଶ୍ୱର ସେହି ନପୁଂସକାଧିପତିର ଦୃଷ୍ଟିରେ ଦାନିୟେଲଙ୍କୁ ଅନୁଗ୍ରହ ଓ ଦୟାର ପାତ୍ର କଲେ ।



ସେ ଦାନିୟେଲଙ୍କୁ ଓ ତାହାର ସମସ୍ତ ବନ୍ଧୁମାନଙ୍କୁ ପରିକ୍ଷା କରିବାକୁ ଚାହିଁଲେ । ପୁଣି ସେ ଦସଦିନ ପର୍ଯ୍ୟନ୍ତ ସେମାନଙ୍କର ପରିକ୍ଷା କଲେ । ସେହି ଦସଦିନ ପଯ୍ୟନ୍ତ ସେମାନେ କେବଳ ପନିପରିବା ଭୋଜନ କରିବେ ଓ ଜଳ ପାନ କରିବେ । ଦସଦିନର ଶେଷରେ ରାଜକୀୟ ଆହାର ଭୋଜନକାରୀ ସକଳ ଯୁବାଙ୍କ ଅପେକ୍ଷା ସେମାନଙ୍କ ମୁଖ ସୁନ୍ଦର ଦେଖାଗଲା । ଓ ସେମାନେ ଅଧିକ ହୃଷ୍ଟପୃଷ୍ଟ ଦେଖାଗଲେ । ତେଣୁ ସେମାନେ କେବଳ ପନପରିବା



ଓ ପାଣି ପିଇଲେ ।

ସେହି ଯୁବକମାନେ ସଦାପ୍ରଭୁଙ୍କୁ ସମାଦର କଲେ ତେଣୁ ସଦାପ୍ରଭୁ ମଧ୍ୟ ସେମାନଙ୍କୁ ଆଦର କଲେ । ସଦାପ୍ରଭୁ ସେମାନଙ୍କୁ ତାଙ୍କ ଶିକ୍ଷାରେ ଜ୍ଞାନ ଓ ନିପୁଣତା ଦେଲେ, ଏବଂ ଦାନିୟେଲ ଯାବତୀୟ ଦର୍ଶନ ଓ ସ୍ୱପ୍ନ ବିଷୟରେ ବୁଦ୍ଧିମାନ୍ ହେଲେ ।





ବାବିଲ ରେ ତିନିବର୍ଷ ଶିକ୍ଷା ଶେଷହେଲା ପରେ, ସେମସ୍ତ ଯୁବକ ମାନଙ୍କୁ ରାଜା ନବ୍‌ଖଦନିସ୍ରରର ଛାମୁକୁ ଆଣିଲା । ତହୁଁ ରାଜା ସେ ସମସ୍ତଙ୍କ ମଧ୍ୟରୁ ଦାନିୟେଲ ଓ ତାଙ୍କର ତିନି ବନ୍ଧୁଙ୍କୁ ବାଛିଲେ । ପୁଣି ବୁଦ୍ଧି ଓ ଜ୍ଞାନ ସମ୍ବନ୍ଧୀୟ ସମସ୍ତ ବିଷୟରେ ଦେଶର ସମସ୍ତଙ୍କ ଅପେକ୍ଷା ସେମାନଙ୍କର ବିଜ୍ଞତା ଦସଗୁଣ ଅଧିକ ଥିଲା ।

ଏକ ରାତ୍ରୀରେ, ରାଜା ସ୍ୱପ୍ନ ଦେଖିଲେ ଯାହା ତାହାର ନିଦ୍ରା ଭଙ୍ଗ କଲା । ସେ ନିଜ ଦେଶର ସମସ୍ତ ମନ୍ତ୍ରଜ୍ଞବେତ୍ତା, ଗଣକ, ମାୟାବି କଲଦୀୟମାନଙ୍କୁ ରାଜାଙ୍କ ଛାମୁକୁ ଆସିବାକୁ ଆଜ୍ଞା କଲେ ।

ରାଜା ସେମାନଙ୍କୁ କହିଲା, ମୁଁ ଏକ ସ୍ୱପ୍ନ ଦେଖିଛି, ଆଉ ସେହି ସ୍ୱପ୍ନ ବୁଝିବାକୁ ମୋହର ଆତ୍ମା ଉଦବିଗ୍ନ ହେଉଅଛି ।



ତହିଁରେ ସେହି ପଣ୍ଡିତମାନେ କହିଲେ, ହେ ସାହରାଜା, ଚିରଜୀବୀ ହେଉନ୍ତୁ, ଆପଣଙ୍କ ଦାସ ମାନଙ୍କୁ ସ୍ୱପ୍ନଟି ଜଣାନ୍ତୁ, ଆମ୍ଭେମାନେ ତହିଁର ଅର୍ଥ ପ୍ରକାଶ କରିବୁ ।



ରାଜା ଉତ୍ତର ଦେଇ କହିଲା, ନୁହେଁ, ତୁମ୍ଭେମାନେ ମୋହର ସ୍ୱପ୍ନ
ଓ ତହିଁର ଅର୍ଥ ମୋତେ କହିବ । ଯଦି ତୁମ୍ଭେମାନେ
ମୋତେ ମୋ ସ୍ୱପ୍ନ ଓ ତହିଁର ଅର୍ଥ ନ ଜଣାଅ
ତେବେ ତୁମ୍ଭେମାନେ ଖଣ୍ଡ ଖଣ୍ଡ ହୋଇ
କାଟାଯିବ ଓ ତୁମ୍ଭମାନଙ୍କ ଗୃହ
ଖତରାଶି କରିଯିବ ।



ମାତ୍ର ଯେବେ ତୁମ୍ଭମାନେ ସ୍ୱପ୍ନ ଓ ତହିଁର ଅର୍ଥ ପ୍ରକାଶ
କର ତେବେ ତୁମ୍ଭେମାନେ ମୋ ଠାରୁ ଦାନ
ପାରିତୋଷିକ ଓ ମହା ସମାଦର ପାଇବ ।
ନିଶ୍ଚିତରେ, କାହିମଧ୍ୟ ରାଜାଙ୍କୁ ତାହାର
ତାଙ୍କର ସ୍ୱପ୍ନ ଓ ତାହାର ଅର୍ଥ କହି
ପାରିଲେ ନାହିଁ ।



ସେମାନେ କହିଲେ ମହାରାଜାଙ୍କ ବିଷୟ ଯେ ପ୍ରକାଶ କରି ପାରିବ, ପୃଥିବିରେ ଏକିପରି କୌଣସି ମନୁଷ୍ୟ ନାହିଁ ।



ଯେଉଁମାନଙ୍କର ନାବାସ ମାଂସ ଦେହର ନୁହେ ସେହି ଦେବଗଣ ବିନୁ ଆଉ କେହି ମହାରାଜାଙ୍କ ଛାମୁରେ ତାହା ପ୍ରକାଶ କରି ନ ପାରେ । ଏହି କାରଣରୁ ରାଜା କ୍ରୋଧ ଓ ପ୍ରଚ଼ଣ୍ଡ କୋପାନ୍ୱୀତ ବାବିଲର ସକଳ ବିଦ୍ୱାନ ଲୋକର ବଧ କରିବାକୁ ଆଜ୍ଞା ଦେଲା ।



ଯେତେବେଳେ ସୈନ୍ୟମାନେ ଦାନିୟେଲ
ଓ ତାଙ୍କ ସଂଙ୍ଗିମାନଙ୍କୁ ବଧ କରିବାକୁ
ଅନ୍ୱେଶଣ କଲେ । ଦାନିୟେଲ ରାଜ
ସେନାପତି ଅରିୟୋକଙ୍କୁ ଉତ୍ତର କରି
କହିଲେ, ରାଜଙ୍କା ଏଡ଼େ ବ୍ୟଗ୍ର କାହିଁକି,
ତହିଁରେ ଅରିୟୋକ୍ ଦାନିୟେଲଙ୍କୁ
ବୃତ୍ତାନ୍ତ ଜଣାଇଲା ।



ଏଥିରେ ଦାନିୟେଲ ରାଜାଙ୍କ ନିକଟକୁ
ଯାଇ ଆପଣା ପାଇଁ ଗୋଟିଏ ସମୟ
ନିରୂପଣ କରିବାକୁ ପ୍ରାର୍ଥନା କଲେ ।
ତାହାକଲେ ସେ ମହାରାଜାଙ୍କ
ନିକଟରେ ସ୍ୱପ୍ନ ଓ ତାହାର ଅର୍ଥ
ପ୍ରକାଶ କରିବେ ବୋଲି କହିଲେ ।



ଦାନିୟେଲ ଆପଣା ଗୃହକୁ ଗଲେ, ଆଉ ସେ ଓ ତାଙ୍କ ସଙ୍ଗିମାନେ
ଶଦ୍ରକ, ମୈଶକ, ଅବେଦ୍-ନଗୋକୁ ସମସ୍ତ କଥା ଜଣାଇଲା ।
ଦାନିୟେଲ ସେହି ସ୍ୱପ୍ନ କିମ୍ବା ତାହାର ଅର୍ଥ
ବିଷୟରେ ଅଜ୍ଞାତ ଥିଲେ, ମାତ୍ର ସେ ଏକଜଣଙ୍କୁ
ଜାଣିଥିଲା ଯେ ସେହି ସ୍ୱପ୍ନ ବିଷୟ ଜାଣିଥିଲେ ।
ସେ ସଦାପ୍ରଭୁ ଅଟନ୍ତି । ଦାନିୟେଲ ଓ ତାହାର
ସଂଙ୍ଗିମାନେ
ପ୍ରାର୍ଥନା
କଲେ ।



ସଦାପ୍ରଭୁ ସେହି ସ୍ୱପ୍ନ ଓ ତାହାର ଅର୍ଥ ଦାନିୟଲଙ୍କୁ ଦେଖାଇଲେ । ଦାନିୟେଲ ସେହି ସ୍ୱର୍ଗୀୟ ଇଶ୍ୱରଙ୍କୁ ଧନ୍ୟବାଦ ଦେଲେ ଓ କହିଲେ, ପରମେଶ୍ୱରଙ୍କ ନାମ ସଦାସର୍ବଦା ଧନ୍ୟ ହେଉ, କାରଣ ଜ୍ଞାନ ଓ ପରାକ୍ରମ ତାହାଙ୍କର, ...



... ଦାନିୟେଲ ଶିଘ୍ର ରାଜାଙ୍କ ଛାମୁକୁ ଗଲା ଓ ରାଜାଙ୍କୁ କହିଲା, ଏପରି ଏକ ପରମେଶ୍ୱର ସ୍ୱର୍ଗରେ ଅଛନ୍ତି ସେ ଗୁପ୍ତ ବିଷୟ ସବୁ ପ୍ରକାଶ କରନ୍ତି । ସେ ରାଜାଙ୍କୁ ତାଙ୍କର ସ୍ୱପ୍ନ ଓ ତାହାର ଅର୍ଥ ପ୍ରକାଶ କଲେ ।



ଯେତେବେଳେ ରାଜା ନବୁଖଦନିତ୍ସର ତାହାର ସ୍ୱପ୍ନ ଓ ତାହାର ଅର୍ଥ ବିଷୟରେ ଶୁଣିଲା ସେ ମୁହଁମାଡ଼ି ପଡ଼ି ଦାନିୟେଲଙ୍କୁ ପ୍ରଣାମ କରି କହିଲା, ତୁମ୍ଭର ପରମେଶ୍ୱର ଈଶ୍ୱରଗଣର ଈଶ୍ୱର ଓ ରାଜଗଣର ପ୍ରଭୁ ଓ ନିଗୁଢ଼ ବିଷୟମାନ ପ୍ରକାଶକ ଅଟନ୍ତି । ତେଣୁ କେବଳ ତୁମ୍ଭେ ଏହାର ଅର୍ଥ କରିବାକୁ ସମର୍ଥ ହେଲ ।



ତହୁଁ ରାଜା ଦାନିୟେଲଙ୍କୁ ମହାନ୍ କଲେ, ସେ
ତାହକୁ ବହୁମୂଲ୍ୟ ଉପହାର ଦେଲେ, ଆଉ
ସମୁଦାୟ ବାବିଲ୍ ପ୍ରଦେଶ ଉପରେ କର୍ତ୍ତୃତ୍ୱ ପଦ
ଦେଇ ବାବିଲସ୍ଥ ଯାବତୀୟ ବିଦ୍ୱାନ୍ ଲୋକଙ୍କ
ଉପରେ ତାଙ୍କୁ ପ୍ରଧାନ
ଅଧିପତି କଲେ ।



ଦାନିଏଲ ଏକ ବନ୍ଦୀ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଦାନିୟେଲ ୧-୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡେ଼ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯ୍ୟନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬